# NATIONAL NEWS BULLETIN (ODIA)
## 31st August - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ତିଆନ୍‌ଜିନ୍‌ଠାରେ ସାଙ୍ଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ମଞ୍ଚ ନିକଟରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କଲେ ଚୀନ ରାଷ୍ଟ୍ରପତି ।

— ଚୀନ୍ ସହିତ ସମ୍ପର୍କକୁ ସଶକ୍ତ କରିବା ଦିଗରେ ଭାରତର ପ୍ରତିବଦ୍ଧତା ଦୋହରାଇଲେ ପ୍ରଧାନମନ୍ତ୍ରୀ ।

- ଏସ୍.ସି.ଓ. ସମ୍ମିଳନୀ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପକ୍ଷୀୟ ସଫଳ ଆଲୋଚନା ।

- ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଆତ୍ମନିର୍ଭର ଭାରତ ପଥରେ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ର ସହିତ ଅଗ୍ରସର ହେବା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ୩-୨ ଗୋଲ୍‌ରେ ପରାସ୍ତ କଲା ଜାପାନ୍‌କୁ ।

## ପି.ଏମ୍. - ଏସ୍.ସି.ଓ.

ଚୀନ୍‌ର ତିଆନ୍‌ଜିନ୍‌ଠାରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍’ ସାଙ୍ଘାଇ ସହଯୋଗ ସଙ୍ଗଠନ ଶିଖର ସମ୍ମିଳନୀ ମଞ୍ଚ ନିକଟରେ ସ୍ୱାଗତ କରିଛନ୍ତି । ଏହି ଶିଖର ସମ୍ମିଳନୀର ମଞ୍ଚରେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦ ଏକତ୍ରିତ ହୋଇଛନ୍ତି ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଆଜି ରାଷ୍ଟ୍ରପତି ଶ୍ରୀ ଜିନ୍‌ପିଙ୍ଗ୍‌ଙ୍କ ସହିତ ଦ୍ୱିପାକ୍ଷିକ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ପାରସ୍ପରିକ ବିଶ୍ୱାସ, ସମ୍ମାନ ଓ ସମ୍ବେଦନଶୀଳତା ଆଧାରରେ ସମ୍ପର୍କକୁ ସଶକ୍ତ କରିବା ଦିଗରେ ଭାରତ ପ୍ରତିବଦ୍ଧ । ଆଲୋଚନା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଥିବା ସମ୍ପର୍କରେ ଆଲୋକପାତ ପରି ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice (PM-REMARK-CHINA)*** :.........

# ପି.ଏମ୍. - ମ୍ୟାଁମାର ଚେୟାରମ୍ୟାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସାଙ୍ଘାଇ ସହଯୋଗ ସଙ୍ଗଠନ ସମ୍ମିଳନୀ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷୀୟ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଏହି ନେତାମାନଙ୍କ ସହ ତାଙ୍କର ଆଲୋଚନା ଫଳପ୍ରଦ ହୋଇଛି । ତିଆନ୍‌ଜିନ୍‌ଠାରେ ମ୍ୟାଁମାର୍‌ର ସୁରକ୍ଷା ଓ ଶାନ୍ତି ଆୟୋଗର ଅଧ୍ୟକ୍ଷକଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଛନ୍ତି । ବୈଠକରେ ଶ୍ରୀ ମୋଦି 'ପଡ଼ୋଶୀ ପ୍ରଥମ', ଆକ୍ଟ ଇଷ୍ଟ ଏବଂ ଭାରତ ପ୍ରଶାନ୍ତ ମହାସାଗରୀୟ ନୀତିରେ ଭାରତ-ମ୍ୟାଁମାର୍ ସମ୍ପର୍କ ଏକ ଗୁରୁତ୍ୱ ବହନ କରେ ବୋଲି କହିଛନ୍ତି । ଏହି ଅବସରରେ ଦୁଇ ନେତା ଦ୍ୱିପକ୍ଷୀୟ ସମ୍ପର୍କର ଅଗ୍ରଗତିର ସମୀକ୍ଷା କରିବା ସହିତ ପ୍ରତିରକ୍ଷା, ସୁରକ୍ଷା, ସୀମା ପରିଚାଳନା ଏବଂ ସୀମା ବାଣିଜ୍ୟ ପ୍ରସଙ୍ଗକୁ ଅଧିକ ବିକଶିତ କରିବା ତଥା ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗକୁ ସମ୍ପ୍ରସାରିତ କରିବା ଉପରେ ଆଲୋଚନା କରିଛନ୍ତି ।

କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ, କେ. ତୋକାୟେଭ୍‌ଙ୍କ ସହିତ ଶକ୍ତି, ସୁରକ୍ଷା, ସ୍ୱାସ୍ଥ୍ୟ ଓ ଔଷଧ ଆଦି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଜାରି ରହିଥିବା ସହଯୋଗ ସମ୍ପର୍କରେ ସେ ଆଲୋଚନା କରିଛନ୍ତି ।

ଏହାଛଡ଼ା ତାଜାଖସ୍ତାନ ରାଷ୍ଟ୍ରପତି ଇମୋମାଲି ରହେମୋନ୍‌ଙ୍କ ସହିତ ଆଲୋଚନା ଉପରେ ନିଜର ସନ୍ତୋଷ ବ୍ୟକ୍ତ କରି ପ୍ରଧାନମନ୍ତ୍ରୀ ଦୁଇଦେଶ

ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ଏବଂ ସାଂସ୍କୃତିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହିତ ଆଲୋଚନା କାଳରେ ଦୁଇଦେଶର ବିକାଶମୂଳକ ସହଯୋଗରେ  ଉଭୟ ଦେଶବାସୀ ଉପକୃତ ହେବେ ବୋଲି ଶ୍ରୀ ମୋଦି କହିଛନ୍ତି ।

ଏହାଛଡ଼ା ନେପାଳର ପ୍ରଧାନମନ୍ତ୍ରୀ କେ.ପି. ଓଲିଙ୍କ ସହିତ ସାକ୍ଷାତ୍ ସମୟରେ ଶ୍ରୀ ମୋଦି ଦୁଇଦେଶର ସମ୍ପର୍କକୁ ଅତ୍ୟନ୍ତ ସ୍ୱତନ୍ତ୍ର ଓ ସୁଦୃଢ଼ ବୋଲି ବର୍ଣ୍ଣନା କରିଛନ୍ତି ।

## ପୁଟିନ୍ ଆରାଇଭ୍ସ ଇନ୍ ଚୀନ

ସାଙ୍ଘାଇ ସହଯୋଗ ସଙ୍ଗଠନ ସମ୍ମିଳନୀରେ ଯୋଗଦେବା ଲାଗି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଏକ ଚାରିଦିନିଆ ସରକାରୀ ଗସ୍ତରେ ଯାଇ ଆଜି ସକାଳେ ଚୀନ୍‌ରେ ପହଞ୍ଚିଛନ୍ତି । ଏଥିସହିତ ଶ୍ରୀ ପୁଟିନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ଆତ୍ମସମର୍ପଣର ୮୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହେବାକୁ ଥିବା ସମାରୋହରେ ଯୋଗଦେବେ । ଏହାଛଡ଼ା ଏହି ସମ୍ମିଳନୀ ଅବସରରେ ଶ୍ରୀ ପୁଟିନ୍’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସାଙ୍ଘାଇ

ସହଯୋଗ ସଙ୍ଗଠନର ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କ ସହିତ ପୃଥକ୍ ପୃଥକ୍ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେବାର କାର୍ଯ୍ୟସୂଚୀ ରହିଛି ।

ପୂର୍ବରୁ ଏକ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ଶ୍ରୀ ପୁଟିନ୍ କହିଛନ୍ତି, ବ୍ରିକ୍ସ ରାଷ୍ଟ୍ରସମୂହ ବିପକ୍ଷରେ ହୋଇଥିବା ପକ୍ଷପାତିଭିତ୍ତିକ କଟକଣାକୁ ଉଭୟ ରୁଷ୍ ଓ ଚୀନ୍ ଦୃଢ଼ ବିରୋଧ କରନ୍ତି । ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାମାଜିକ-ଅର୍ଥନୈତିକ ବିକାଶକୁ ବାଧାପ୍ରାପ୍ତ କରିବା ଉଦ୍ଦେଶ୍ୟରେ ହୋଇଥିବା ଏହି ବାସନ୍ଦକୁ ଉଭୟ ଦେଶ ନିନ୍ଦା କରିଛନ୍ତି । ଗୁରୁତପୂର୍ଣ୍ଣ ମୌଳିକଢାଞ୍ଚାଗତ ପ୍ରକଳ୍ପ ଲାଗି ଅତିରିକ୍ତ ସମ୍ବଳ ଯୋଗାଡ଼ କରିବା ଏବଂ ବିଶ୍ୱ ଆହ୍ୱାନଗୁଡ଼ିକର ସଫଳ ମୁକାବିଲା କରିବାରେ ବ୍ରିକ୍ସ ରାଷ୍ଟ୍ରସମୂହର କ୍ଷମତାକୁ ସଶକ୍ତ କରିବା ଦିଗରେ ଦୁଇ ଦେଶ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ପୁଟିନ୍ କହିଛନ୍ତି ।

## ପି.ଏମ୍. - ମନ୍ କୀ ବାତ୍

ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଆତ୍ମନିର୍ଭର ଭାରତ ପଥରେ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ର ସହିତ ଅଗ୍ରସର ହେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ନିକଟରେ ନିଜର ମନର

ଭାବକୁ ପ୍ରକାଶ କରି ସେ ଏହା କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ପାର୍ବଣ ଋତୁରେ ସ୍ୱଦେଶୀ ମନୋଭାବ ସହିତ ନିଜ ଦେଶରେ ପ୍ରସ୍ତୁତ ଉତ୍ପାଦକୁ ବ୍ୟବହାର କରିପାରିଲେ ହିଁ ଏହି ଲକ୍ଷ୍ୟ ହାସଲ ହୋଇପାରିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ୟୁ.ପି.ଏସ୍.ସି. ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ମେରିଟ୍ ତାଲିକାରେ ସ୍ଥାନ ପାଇ ନ ଥିବା ଛାତ୍ରଛାତ୍ରୀମାନେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ପ୍ରତିଭା ସେତୁର ସୁବିଧା ନେଇପାରିବେ । ଏହା ଜରିଆରେ ଶତାଧିକ ପ୍ରାର୍ଥୀ ଉପକୃତ ହୋଇପାରିଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - UPSC)*** :............

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତାମାସରେ ହାଇଦ୍ରାବାଦ ମୁକ୍ତିଦିବସ ପାଳନ ଅବସରରେ ଅପରେସନ ପୋଲୋ'ରେ ଅଂଶଗ୍ରହଣ କରିଥିବା ବୀରମାନଙ୍କର ସାହସିକତାକୁ ଆମେ ସ୍ମରଣ କରିବୁ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ପାଇବା ସମୟରେ ହାଇଦ୍ରାବାଦରେ ଏକ ଭିନ୍ନ ପରିସ୍ଥିତି ଥିଲା । ନିଜାମ୍ ଓ ରାଜାକାରଙ୍କ ଅତ୍ୟାଚାର ଏଭଳି ଥିଲା ଯେ, ତ୍ରିରଙ୍ଗା ଉତ୍ତୋଳନ କରିବା କିମ୍ବା ବନ୍ଦେ ମାତରମ୍ ସ୍ଲୋଗାନ୍ ଉଚ୍ଚାରଣ ଲାଗି ମଧ୍ୟ ଲୋକଙ୍କୁ ହତ୍ୟା କରାଯାଉଥିଲା । ଶେଷରେ ସର୍ଦ୍ଦାର ପଟେଲ୍ ଏହି ମାମଲାକୁ ନିଜ ହାତକୁ ନେଇ ଅପରେସନ୍ ପୋଲୋ ମାଧ୍ୟମରେ ସଶସ୍ତ୍ର ବାହିନୀଦ୍ୱାରା ନିଜାମ୍‌ଙ୍କ ଏକଚ୍ଛତ୍ରବାଦୀ ଶାସନରୁ ହାଇଦ୍ରାବାଦକୁ ମୁକ୍ତ କରି

ଭାରତର ଏକ ଅଂଶ ଭାବେ ଯୋଡ଼ିବାରେ ସଫଳ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - Sardar Patel)*** :............

# ଫିଟ୍ ଇଣ୍ଡିଆ – ସାଇକେଲ୍ ର୍ୟାଲି

ଫିଟ୍ ଇଣ୍ଡିଆ ସଣ୍ଡେସନ୍ ସାଇକେଲ୍‌ର ସ୍ୱତନ୍ତ୍ର ଜାତୀୟ କ୍ରୀଡ଼ା ଦିବସ ସଂସ୍କରଣ ଅବସରରେ ଆଜି ନୂଆଦିଲ୍ଲୀରେ କ୍ରୀନାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ଏକ ସାଇକେଲ୍ ର୍ୟାଲିରେ ଅଂଶଗ୍ରହଣ କରିଛନ୍ତି । ସେ କହିଛନ୍ତି, ଜାତୀୟ କ୍ରୀଡ଼ା ଦିବସ ଅବସରରେ ଦେଶବ୍ୟାପୀ ଏକ ତିନିଦିନିଆ ସ୍ୱତନ୍ତ୍ର ଫିଟ୍ ଇଣ୍ଡିଆ ଅଭିଯାନ କାର୍ଯ୍ୟକାରୀ କରାଯାଉଛି । ଆଜି ମଧ୍ୟ ଦେଶବ୍ୟାପୀ ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ସାଇକେଲ୍ ଶୋଭାଯାତ୍ରା ଆୟୋଜିତ ହେଉଛି ବୋଲି ଡକ୍ଟର ମାଣ୍ଡଭିୟ କହିଛନ୍ତି ।

***Voice (Dr. Mandavya)*** :..........

ଏହି ଅବସରରେ ଆଜି ମୁମ୍ବାଇଠାରେ ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖାଡ୍‌ସେ ଏବଂ ଚଳଚ୍ଚିତ୍ର ଅଭିନେତା ଜ୍ୟାକି ଶ୍ରଫ୍ 'ଫିଟ୍ ଇଣ୍ଡିଆ ସାଇକେଲ୍‌ସ ଅନ୍ ସଣ୍ଡେ' ର୍ୟାଲିର ଶୁଭାରମ୍ଭ କରିଛନ୍ତି । ଭାରତର କ୍ରୀଡ଼ା ପ୍ରାଧିକରଣର ମୁମ୍ବାଇସ୍ଥିତ ଆଞ୍ଚଳିକ କେନ୍ଦ୍ରଦ୍ୱାରା ଆୟୋଜିତ ଏହି ସମାରୋହ

ମୁମ୍ବାଇର ବୋରିଭାଲି ଜାତୀୟ ଉଦ୍ୟାନରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଫିଟ୍‌ନେସ୍ ଏବଂ ସାଇକ୍ଲିଙ୍ଗ୍ କରିବାର ଉପଯୋଗିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ।

## ଅମିତ୍ ଶାହା - ଗୁଜରାଟ ଭିଜିଟ୍

ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଜି ଗାନ୍ଧିନଗର ଓ ଅହମ୍ମଦାବାଦକୁ ସରକାରୀ ଗସ୍ତରେ ଯାଇଛନ୍ତି । ଏହି ଅବସରରେ ଶ୍ରୀ ଶାହା ଗୋଟା ଓ ଚାନ୍ଦ୍‌ଲୋଡିଆଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପୁନଃ ବିକଶିତ ସର୍ଦ୍ଦାର ବାଗ୍'ର ଉଦ୍‌ଘାଟନ କରିଛନ୍ତି । ଏହାଛଡ଼ା ଚାରାରୋପଣ କରିବା ସହିତ ଐତିହାସିକ ଭଦ୍ରକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଶାହା ଅନେକଗୁଡ଼ିଏ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଅମିତ୍ ଶାହା - ଜମ୍ମୁ ଭିଜିଟ୍

ଜମ୍ମୁ-କାଶ୍ମୀରରେ ସମ୍ପ୍ରତି ବାଦଲଫଟା ବର୍ଷା ଓ ବନ୍ୟାଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସନ୍ତାକାଲି ଜମ୍ମୁଠାରେ ସମୀକ୍ଷା କରିବେ । ଶ୍ରୀ ଶାହା' କଟ୍‌ରାଠାରେ ବୈଷ୍ଣୋଦେବୀ ତୀର୍ଥଯାତ୍ରା ପଥରେ ହୋଇଥିବା ଭୂସ୍ଖଳନଜନିତ କ୍ଷୟକ୍ଷତିର ସମୀକ୍ଷା କରିବେ । ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଜମ୍ମୁର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଆକାଶମାର୍ଗରୁ ନିରୀକ୍ଷଣ କରିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ଭେଟିବାର କାର୍ଯ୍ୟସୂଚୀ ରହିଛି । ପରେ ଜମ୍ମୁସ୍ଥିତ ରାଜଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ଶାହା ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

## ଏସିଆ କପ୍ ହକି ରାଜଗିର

ବିହାରର ରାଜଗିରିଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଦ୍ୱିତୀୟ କ୍ରମାଗତ ବିଜୟ ହାସଲ କରିଛି । ଆଜି ଅପରାହ୍ଣରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ଜାପାନ୍‌କୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ହର୍‌ମନ୍‌ପ୍ରୀତ୍ ସିଂହ ୨ଟି ଏବଂ ମନ୍‌ଦୀପ୍

ସିଂହ ଗୋଟିଏ ଗୋଲ୍ ସ୍କୋର କରିଛନ୍ତି । ଜାପାନ ପକ୍ଷରୁ କୋସେଇ କାଓ୍ୱାବେ ୨ଟିଯାକ ଗୋଲ୍ ଦେଇଛନ୍ତି । ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୭ଟାରେ ରାଜଗିରି ଆନ୍ତର୍ଜାତିକ କ୍ରୀଡ଼ା ଷ୍ଟାଡୟମ୍‌ଠାରେ ଭାରତ ଓ କାଜାଖସ୍ତାନ ମଧ୍ୟରେ ମୁକାବିଲା ହେବ ।

ପୂର୍ବରୁ ଆଜି ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଚୀନ୍' କାଜାଖସ୍ଥାନ ବିପକ୍ଷରେ ୧୩-୧ ଗୋଲ୍‌ରେ ବିଜୟୀ ହୋଇଛି । ଏହି ଚାମ୍ପିୟନ୍‌ସିପ୍‌ର ବିଜେତା ୨୦୨୬ ପୁରୁଷ ହକି ବିଶ୍ୱକପ୍‌ରେ ନିଜର ସ୍ଥାନ ସୁନିଶ୍ଚିତ କରିବ । ପାକିସ୍ତାନ ସୁରକ୍ଷା କାରଣରୁ ଏବଂ ଓମାନ୍ ଆର୍ଥିକ ଅସୁବିଧା ଯୋଗୁଁ ଏହି ପ୍ରତିଯୋଗିତାରେ ଯୋଗଦେଇ ନାହାନ୍ତି । ଏହି ଦୁଇଦେଶ ବଦଳରେ ବାଂଲାଦେଶ ଏବଂ କାଜାଖସ୍ତାନ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛନ୍ତି ।

*****